| PUBLICATION NAME : | Prameya |
|---|---|
| EDITION : | Bhubaneswar |
| DATE : | 9/4/2023 |
| PAGE : | 13 |

# ଭୁବନେଶ୍ୱରରେ ସ୍ଥାୟିତ୍ୱ ହାକାଥନ୍ ଚ୍ୟାଲେଞ୍ଜ

ଭୁବନେଶ୍ୱର,୮।୪(ବ୍ୟୁରୋ): ଏଣ୍ଟରପ୍ରିନିୟରଶିପ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଇଡିଆଇଆଇ) ପକ୍ଷରୁ ଦେଶବ୍ୟାପୀ ଏକ ହାକାଥନର ଶୁଭାରମ୍ଭ କରାଯାଇଛି। ରାଜ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ କରିବା ଦିଗରେ ୱାର୍ଲଡ ଟ୍ରେଡ୍ ସେଣ୍ଟର ଭୁବନେଶ୍ୱର ଏବଂ ଇଡିଆଇଆଇ ମିଳିତ ହୋଇ କାର୍ଯ୍ୟ କରୁଛନ୍ତି। ବାଟୋଇ ସିଷ୍ଟମ ପ୍ରାଇଭେଟ ଲିମିଟେଡ ସହଭାଗିତାରେ ସ୍ଥାନୀୟ କେଏସ୍‌ଆର୍‌ଏମ୍ ଅଡିଟୋରିୟମଠାରେ ଏକ ବୁଟ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ କିଟ୍ ସ୍କୁଲ ଅଫ୍ ରୁରାଲ




ମ୍ୟାନେଜମେଣ୍ଟ, ସେଣ୍ଟର ଫର୍ ଏଗ୍ରି ବିଜ୍‌ନେସ ମ୍ୟାନେଜମେଣ୍ଟ, ଏଆଇସି ନାଳନ୍ଦା ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଏବଂ ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟେକ୍ନୋଲୋଜି ସହଭାଗୀ ଅନୁଷ୍ଠାନ ଭାବେ ରହିଥିଲେ। ୟୁଏନ୍‌ଡିପି ଓଡ଼ିଶା ରାଜ୍ୟ ମୁଖ୍ୟ ଆଭା ମିଶ୍ର, ବାଟୋଇ ସିଷ୍ଟମର ସିଇଓ ଅଶ୍ୱିନୀ ରଥ, କିଟ୍ ସ୍କୁଲ ଅଫ୍ ରୁରାଲ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ନିଶିତ ପରିଡା, ୱାର୍ଲଡ ଟ୍ରେଡ ସେଣ୍ଟର ଭୁବନେଶ୍ୱରର ଆସିଷ୍ଟାଣ୍ଟ ଡାଇରେକ୍ଟର ନିମେଶିକା ନଟରାଜନ, ଏଆଇସି ନାଳନ୍ଦା ଫାଉଣ୍ଡେସନର ସିଇଓ ଦୁର୍ଗା ପ୍ରସାଦ ଗୌଡ ଉପସ୍ଥିତ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଇଡିଆଇଆଇର ଆଞ୍ଚଳିକ ଇନଚାର୍ଜ ଡ.ସୁବ୍ରତ ବିଶ୍ୱାଳ ସ୍ଥାୟୀ ହାକାଥନ ଉପରେ ସୂଚନା ପ୍ରଦାନ କରିଥିଲେ।